# ତାତି ସାଙ୍ଗକୁ ଗୁଳୁଗୁଳି; ଜନଜୀବନ ଅସ୍ତବ୍ୟସ୍ତ



**ବଣାଇଁ, ୧୮।୪(ସମିସ):** ସାରାରାଜ୍ୟରେ ଅସହ୍ୟ ତାତି ହେଉଥିବା ବେଳେ ସୁନ୍ଦରଗଡ଼ ଜିଲ୍ଲା ବଣାଇ ଅଞ୍ଚଳ ମଧ୍ୟ ଏଥିରୁ ବାଦ୍ ପଡ଼ିନାହିଁ। ବଣ ପାହାଡ ଘେରା ଅଞ୍ଚଳ ହୋଇଥିଲେ ମଧ୍ୟ ୪୪ ରୁ ୪୫ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଛି। ଅସହ୍ୟ ତାତିରେ ଲୋକେ ଅସ୍ତବ୍ୟସ୍ତ ହେଉଥିବା ବେଳେ ଜରୁରୀ କାମ ନ ଥିଲେ ଘରୁ ବାହାରକୁ ବାହାରୁ ନ ଥିବା ଦେଖିବାକୁ ମିଳିଛି। ପାଣିପାଗ ବିଭାଗ ପକ୍ଷରୁ ଆହୁରି ଚାରିଦିନ ଏମିତି ହିଟ୍‌ୱେଭ ଯୋଗୁଁ ଗରମ ଅନୁଭୂତ ହେବ ବୋଲି କୁହା ଯାଉଥିବାବେଳେ ଆଗକୁ ଶୀତଳ ଷଷ୍ଠୀ ଓ ରଜ ପର୍ବ ଆସୁଥିବା ନେଇ ଲୋକେ ବାଧ୍ୟ ହୋଇ ବିଭିନ୍ନ ସାମଗ୍ରୀ କିଣିବା ପାଇଁ ବାହାରୁ ଛନ୍ତି। ଓଡ଼ିଶାରେ ମୌସୁମୀର ପ୍ରଭାବରେ କେବେ ବର୍ଷା ହେବ ଓ ଟିକେ ଆଶ୍ୱସ୍ତି ମିଳିବ ବୋଲି ଲୋକେ ବର୍ଷାକୁ ଚାହିଁ ବସିଛନ୍ତି। ପୂର୍ବାହ୍ନ ୧୧ ଟା ପରେ ସହରରେ ରାସ୍ତା ଘାଟ ପୂରା ଶୂନଶାନ ଜଣାପଡୁଛି। ଯାହାକୁ ଦେଖିଲେ ମୁଣ୍ଡରେ ଖରାରୁ ରକ୍ଷା ପାଇବା ପାଇଁ କପଡ଼ା, ଛତା, ଟୋପି, କଳା ଚଷମା ବ୍ୟବହାର କରୁଥିବା ବେଳେ ଥଣ୍ଡା ପାଣି, ପଇଡ଼, ଲସି, ଆଖୁରସ ପିଇ ଶୋଷ ମେଣ୍ଟାଉଛନ୍ତି।

# ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ ମିନି ସାଇନ୍ସ ସେଣ୍ଟର ଉଦ୍‌ଘାଟିତ



**ରାଉରକେଲା, ୧୮।୪(ସମିସ):** ଗ୍ରାମାଞ୍ଚଳ ଓ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଶିକ୍ଷାର ଗୁଣାତ୍ମକମାନ ବୃଦ୍ଧି ପାଇଁ ଜିନ୍ଦଲ ଷ୍ଟିଲର ସାମାଜିକ ସଂସ୍ଥା ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ ସୁନ୍ଦରଗଡ଼ ଜିଲ୍ଲା ବଣେଇ ବ୍ଲକ ଗୋଗୁଆ ସରକାରୀ ହାଇସ୍କୁଲରେ ଏକ ମିନି ସାଇନ୍ସ ସେଣ୍ଟର ଉଦ୍‌ଘାଟିତ ହୋଇଯାଇଛି। ବିଜ୍ଞାନ, ପ୍ରଯୁକ୍ତି ବିଦ୍ୟା, ଇଞ୍ଜିନିୟରିଂ ଓ ଗଣିତକୁ ଅଧିକ ବୋଧଗମ୍ୟ କରିବା ଓ ଏଥିପ୍ରତି ଛାତ୍ରଛାତ୍ରୀଙ୍କ ଆଗ୍ରହ ସୃଷ୍ଟି କରିବା ଏହି ସେଣ୍ଟରର ଲକ୍ଷ୍ୟ। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସିଏସ୍ଆର ମୁଖ୍ୟ ଋଷି ପଠାନିଆ ଯୋଗ ଦେଇଥିବାବେଳେ ଟେନସା ମାଇନ୍ସର ମ୍ୟାନେଜର ଭରଦ୍ୱାଜ ରାଉତ, ବଡବିଲ ସିଏସଆର ମୁଖ୍ୟ ଉର୍ଜିଲ ଲାକ୍ରା, ଗୋଗୁଆ ହାଇସ୍କୁଲର ପ୍ରଧାନଶିକ୍ଷକ ଝସକେତନ ପ୍ରଧାନ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ମିନିସାଇନ୍ସ ସେଣ୍ଟର ପ୍ରତିଷ୍ଠା ପାଇଁ ସହାୟତା ଯୋଗାଇଥିବାରୁ ପ୍ରଧାନ ଶିକ୍ଷକ ଶ୍ରୀ ପ୍ରଧାନ ଜିନ୍ଦଲ ଫାଉଣ୍ଡେସନକୁ ପ୍ରଶଂସା କରିଥିଲେ। ଏହି ମିନି ସାଇନ୍ସ ସେଣ୍ଟରରେ ବିଜ୍ଞାନ, ପ୍ରଯୁକ୍ତି ବିଦ୍ୟା ସମ୍ପର୍କିତ ୮୦ଟି ଲାଇଭ ମଡେଲ ରହିଛି। ଏହି କେନ୍ଦ୍ରରେ ଛାତ୍ରଛାତ୍ରୀ ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ, ଜୀବବିଜ୍ଞାନର ଅନେକ କଷ୍ଟକର ଥିଓରି ସହଜରେ ବୁଝି ପାରିବେ। ଜିନ୍ଦଲ ଫାଉଣ୍ଡେସନର ଏହି ପଦକ୍ଷେପ ପାଇଁ ପିଲାମାନେ ବେଶ ଖୁସି ପ୍ରକାଶ କରିଥିବା ବେଳେ ଏଠାରେ ଲାଇଭ ମଡେଲ ଦ୍ୱାରା ବିଜ୍ଞାନ ପଢ଼ିବା ପାଇଁ ବେଶ ଉତ୍ସାହିତ ଅଛନ୍ତି।

# ସୁନ୍ଦରଗଡ଼ ବିଜେଡି ପକ୍ଷରୁ ପ୍ରବାଦ ପୁରୁଷଙ୍କ ଶ୍ରାଦ୍ଧ ଦିବସ ପାଳିତ



**ରାଉରକେଲା, ୧୮।୪ (ସମିସ):** ସୁନ୍ଦରଗଡ଼ରେ ବିଜୁ ଜନତା ଦଳ ତରଫରୁ ଜିଲ୍ଲା ବିଜେଡି ସଭାପତି ତଥା ବିଧାୟକ ଯୋଗେଶ କୁମାର ସିଂ ସଭାପତିତ୍ୱ ଏବଂ ନେତୃତ୍ୱରେ ଓଡ଼ିଶାର ମହାନ ଜନନାୟକ, ପ୍ରବାଦ ପୁରୁଷ, ତଥା ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ୨୯ତମ ଶ୍ରାଦ୍ଧ ଦିବସ ପାଳନ କରାଯାଇଛି। ଏହି ଅବସରରେ ମହାଦେବ ପଡ଼ା ଇବନଦୀ କୂଳରେ ସକାଳେ ବିଜେଡିର ବରିଷ୍ଠନେତା ଜନ୍ମେଜୟ ମହାପାତ୍ର ଏବଂ ଜୟନାରାୟଣ ତ୍ରିପାଠୀଙ୍କ ନେତୃତ୍ୱରେ ଦଳୀୟ ସଦସ୍ୟ ସଦସ୍ୟାଙ୍କ ଉପସ୍ଥିତରେ ତୈଳଚିତ୍ରରେ ପୁଷ୍ପମାଲ୍ୟ ଦେଇ ଭକ୍ତିପୁତ ଶ୍ରଦ୍ଧାଞ୍ଜଳି ଜଣେଇଥିଲେ। ଜିଲ୍ଲା ବିଜେଡି ସଭାପତି ଯୋଗେଶ ସିଂଙ୍କ ସଭାପତିତ୍ୱରେ ଏକ ସ୍ମୃତିସଭା ଆୟୋଜିତ ହୋଇଥିଲା। ଏହା ପରେ ସତସଙ୍ଗ ମନ୍ଦିର ନିକଟରେ ଥିବା ବିଜେଡି କାର୍ଯ୍ୟାଳୟରେ ରକ୍ତଦାନ ଶିବିର ବିଜେଡି ଜିଲ୍ଲା ସଭାପତିଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା। ଏହି ରକ୍ତଦାନ ଶିବିରରେ ଦଳୀୟ କର୍ମୀମାନଙ୍କ ଅଂଶଗ୍ରହଣ, ଉତ୍ସାହ ଏବଂ ରକ୍ତଦାନ ଫଳରେ ୫୦ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଏହା ବିଜୁ ବାବୁଙ୍କ ମାନବ ସେବା ଆଦର୍ଶକୁ ପ୍ରତିଫଳିତ କରିଥିଲା। ଜିଲ୍ଲା ପରିଷଦ ଅଧ୍ୟକ୍ଷା କୁନ୍ତୀ ପ୍ରଧାନ, ସୁନୀଲ ମହାପାତ୍ର, ବେଣୁଧର ତାଣ୍ଡିଆ, ସୁମନ୍ତ ପଣ୍ଡା, ରଞ୍ଜନା ପଣ୍ଡା, ସୁକାନ୍ତ ପାତି, ନିରୁ ବୋଷ, ଅନୀଲ ମହାପାତ୍ର, ବରୁନ ବାଗ, ସୁମନ୍ତ ସାହୁ, କୈଳାସ ତନ୍ତିଙ୍କ ସମେତ ସଦର ନିର୍ବାଚନମଣ୍ଡଳୀର ସମସ୍ତ ଜିଲ୍ଲା ପରିଷଦ, ମ୍ୟୁନିସିପାଲିଟି, ପଞ୍ଚାୟତ ସମିତି, ସଦସ୍ୟ ସଦସ୍ୟା, ମହିଳା ବିଜେଡି, ଯୁବ ବିଜେଡି, ଛାତ୍ର ବିଜେଡି ର ସମସ୍ତ ସଦସ୍ୟ ସଦସ୍ୟା ଉପସ୍ଥିତ ଥିଲେ।

## ରାଉରକେଲା ବିମାନବନ୍ଦର ସମ୍ପ୍ରସାରଣ ନେଇ ଆଲୋଚନା

# ଏଆଇଆଇକୁ ଜମି ହସ୍ତାନ୍ତର କରିବ ଆର୍‌ଏସ୍‌ପି

**ରାଉରକେଲା, ୧୮।୪(ସମିସ)**

ରାଉରକେଲା ବିମାନବନ୍ଦର ସମ୍ପ୍ରସାରଣ ଏବଂ ପୂର୍ଣ୍ଣ କାର୍ଯ୍ୟକ୍ଷମ ହେବା ନେଇ ଆଶା ସଞ୍ଚାର ହେବାରେ ଲାଗିଛି। ଏଥିପାଇଁ ଆବଶ୍ୟକ ଜମି ସେଲ୍ ଅଧୀନ ରାଉରକେଲା ଇସ୍ପାତ କାରଖାନା କର୍ତ୍ତୃପକ୍ଷ ଭାରତୀୟ ବିମାନବନ୍ଦର କର୍ତ୍ତୃପକ୍ଷ (ଏଆଇଆଇ)ଙ୍କୁ ହସ୍ତାନ୍ତର କରିବେ ବୋଲି ସେଲ୍ କର୍ତ୍ତୃପକ୍ଷ ସମ୍ପ୍ରତି ପ୍ରକାଶ କରିଥିବା ଜଣାପଡ଼ିଛି। ଏନେଇ ଭୁବନେଶ୍ୱରରେ ରାଉରକେଲା ବିମାନବନ୍ଦର ସମ୍ପ୍ରସାରଣ ସମ୍ପର୍କରେ କେନ୍ଦ୍ର ସରକାର, ରାଜ୍ୟ ସରକାର ସେଲ୍ କର୍ତ୍ତୃପକ୍ଷଙ୍କୁ ନେଇ ଏକ ଉଚ୍ଚସ୍ତରୀୟ ବୈଠକ ବସିଥିଲା। ଏହି ବୈଠକରେ ରାଉରକେଲା ଇସ୍ପାତ କାରଖାନା ଏବଂ ରାଉରକେଲା ବିମାନବନ୍ଦର ଉଭୟର ତ୍ୱରିତ ସମ୍ପ୍ରସାରଣ ଉପରେ ଆଲୋଚନା କରାଯାଇଥିଲା। ରାଉରକେଲାର ଏହି ଦୁଇଟି ପ୍ରମୁଖ ପ୍ରକଳ୍ପ ପାଇଁ ଜମି ଏବଂ ଅନ୍ୟାନ୍ୟ ପ୍ରତିବନ୍ଧକ ସୃଷ୍ଟି ହୋଇଥିବା ଏବଂ ଏହି ସମସ୍ୟାକୁ ଦୂର କରାଯିବା ପାଇଁ ଜୋର ଦେଇଥିଲା। ଏହା ପୂର୍ବରୁ ଗତ ମାର୍ଚ୍ଚ ମାସରେ ସୁନ୍ଦରଗଡ଼ ଜିଲ୍ଲାପାଳଙ୍କୁ ଲେଖିଥିବା ଏକ ଚିଠିରେ ଆର୍‌ଏସ୍‌ପି କର୍ତ୍ତୃପକ୍ଷ ରାଉରକେଲା ବିମାନବନ୍ଦରକୁ ଏଆଇଆଇ କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରିବା ପାଇଁ ସମ୍ମତି ପ୍ରକାଶ କରିଛନ୍ତି। ଭୁବନେଶ୍ୱରରେ ଅନୁଷ୍ଠିତ ଏହି ବୈଠକରେ କେନ୍ଦ୍ର ଇସ୍ପାତ ମନ୍ତ୍ରଣାଳୟ ସଚିବ ସନ୍ଦୀପ ପାଉଣ୍ଡ୍ରିକ୍, ଯୁଗ୍ମ ସଚିବ ଅଭିଜିତ୍ ନରେନ୍ଦ୍ର, କାର୍ଯ୍ୟକାରୀ ସେଲ୍‌ଫ ଅଧ୍ୟକ୍ଷ କେ.କେ ସିଂହ, ଆରଏସପି ଡିଆଇସି ଆଲୋକ ବର୍ମା ଏବଂ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର ଉପସ୍ଥିତ ଥିଲାବେଳେ ରାଜ୍ୟ ସରକାରଙ୍କ ପକ୍ଷରୁ ରାଜ୍ୟ ମୁଖ୍ୟ ସଚିବ ଅନୁ ଗର୍ଗ,

**୧୫୦୦ରୁ ଉର୍ଦ୍ଧ୍ୱ କ୍ୱାର୍ଟର୍ସ ହେବ ଉଚ୍ଛେଦ**



ଉନ୍ନୟନ କମିଶନର ଡି.କେ ସିଂହ ଏବଂ ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ହେମନ୍ତ ଶର୍ମା ଉପସ୍ଥିତ ଥିଲେ। ରାଉରକେଲା ବିମାନବନ୍ଦର କିପରି ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହେବ ଏଥିପାଇଁ ଜମି ଅଧିଗ୍ରହଣ କରାଯିବା ଏବଂ ଏହି ବିମାନବନ୍ଦରରୁ ବଡ଼ ବଡ଼ ବିମାନ ଚଳାଚଳ ପାଇଁ ଏହାକୁ ୪ସି ଲାଇସେନସରେ ଅପଗ୍ରେଡ୍ କରିବା ପାଇଁ ଆଲୋଚନା ହୋଇଥିଲା। ସୂଚନାଯୋଗ୍ୟ ଯେ ରାଉରକେଲା ବିମାନବନ୍ଦର ସମ୍ପ୍ରତି ପ୍ରାୟ ୧୪୦ ଏକର ଲିଜ୍ ହୋଲ୍ଡ ଜମି ଉପରେ କାର୍ଯ୍ୟକ୍ଷମ। ଏଠାରୁ ଏଟିଆର-୭୨ ବିମାନ ଚଳାଚଳ ପାଇଁ ରାଉରକେଲା ବିମାନ ବନ୍ଦର ସମ୍ପ୍ରତି କୋଡ୍ ୨ସି ବାଣିଜ୍ୟିକ ଲାଇସେନ୍ସ ପ୍ରାପ୍ତ କରିଛି। ବିମାନବନ୍ଦରର ସମ୍ପ୍ରସାରଣ ପାଇଁ ଏକ ଡିଫରେନ୍ସିଆଲ୍ ଗ୍ଲୋବାଲ୍ ପୋଜିସନ୍ ସିଷ୍ଟମ୍ (ଡିଜିପିଏସ) ସର୍ଭେ କରାଯାଇଥିବା ଜଣାପଡ଼ିଛି। ସମ୍ପ୍ରସାରଣ ଯୋଜନା ଅନୁଯାୟୀ ରାଉରକେଲା ବିମାନବନ୍ଦର ସମ୍ପ୍ରସାରିତ ହେଲେ ସେକ୍ଟର-୧୩ ଠାରୁ ସେକ୍ଟର-୧୭ ସି ବ୍ଲକ (ଟାଟା ଗ୍ରାଉଣ୍ଡ) ପର୍ଯ୍ୟନ୍ତ ୧୫୦୦ରୁ ଉଦ୍ଧ୍ୱର୍ ଆରଏସପି କ୍ୱାର୍ଟର୍ସ ଉଚ୍ଛେଦ ହେବ। ନୂତନ ବିମାନବନ୍ଦର ସୀମା ଏକ କ୍ରିକେଟ୍ ବ୍ୟାଟ୍ ଆକାରରେ ହେବ। ଛେଣ୍ଡ କଲୋନୀ ନିକଟରୁ ଆରମ୍ଭ ହେବ ଏବଂ ପୂର୍ବରେ ସେକ୍ଟର-୧୭ କ୍ରିକେଟ୍ ପଡ଼ିଆର ଅଧା ପର୍ଯ୍ୟନ୍ତ ବ୍ୟାଟ୍ ହ୍ୟାଣ୍ଡେଲ୍ ଆକାରରେ ଜାରି ରହିବ। ବିମାନବନ୍ଦର ପୂର୍ବ ଦିଗରୁ ପଶ୍ଚିମ ଦିଗ ସୀମାର ଲମ୍ବ ପ୍ରାୟ ୪.୬ କିଲୋମିଟର ହେବ। ସେହିପରି ଦକ୍ଷିଣ ଦିଗରୁ ଉତ୍ତର ଦିଗକୁ ବିମାନବନ୍ଦରର ପ୍ରସ୍ଥ ପ୍ରାୟ ୩୦୦ ମିଟର ହେବ। ସେକ୍ଟର - ୧୭ ପାର୍ଶ୍ୱ ଆଡ଼କୁ ଆହୁରି ସଂକୁଚିତ ହୋଇ ସେଠାକାର ପ୍ରସ୍ଥ ପ୍ରାୟ ୭୦ ମିଟର ହେବ ବୋଲି ପୂର୍ବ ଆକଳନ କରାଯାଇଛି। ଏହି ସମ୍ପ୍ରସାରଣ ଯୋଜନାରେ ଦିଲ୍ଲୀ ପବ୍ଲିକ୍ ସ୍କୁଲ, ସେକ୍ଟର - ୧୫ ପୁଲିସ ଷ୍ଟେସନ ଏବଂ ସେକ୍ଟର ୧୩, ୧୪, ୧୫ ଏବଂ ୧୭ରେ ଥିବା ଚାରୋଟି ଧାର୍ମିକ ସ୍ଥଳ ସମେତ ପ୍ରାୟ ୧୫୦୦ କ୍ୱାର୍ଟର ଏବଂ ଅନ୍ୟାନ୍ୟ ନିର୍ମାଣକୁ ଉଚ୍ଛେଦ କରାଯିବ ଏବଂ ଏହି ଯୋଜନା ପାଇଁ ପ୍ରାୟ ୨୫,୦୦୦ ଗଛ କଟାଯିବାର ଆକଳନ କରାଯାଇଛି। ରାଉରକେଲା ବିମାନ ବନ୍ଦରର ସମ୍ପ୍ରସାରଣ ପାଇଁ ଆହୁରି ଅତିରିକ୍ତ ୨୭୮ ଏକର ଆରଏସପି ଜମି ଏବଂ ୪୪ ଏକର ଘରୋଇ ଜମି ଆବଶ୍ୟକ ବୋଲି ସୂଚନା ମିଳିଛି। ୩୨୨ ଏକର ଅତିରିକ୍ତ ଜମି ସହର ରାଉରକେଲା ବିମାନବନ୍ଦରକୁ ଏଆଇଆଇ କର୍ତ୍ତୃପକ୍ଷ ନିଜ ଅକ୍ତିଆରକୁ ନେବା ପରେ ହିଁ ସେମାନେ କାର୍ଯ୍ୟ ଆରମ୍ଭ କରିବେ ବୋଲି କୁହାଯାଉଛି।

# ପୁନଃନିର୍ମାଣ ହେବ ପୁରୁଣା ରେଳ ଓଭରବ୍ରିଜ୍

**ରାଉରକେଲା, ୧୮।୪ (ସମିସ):** ରାଉରକେଲା ରେଳଷ୍ଟେସନର ଆଧୁନିକୀକରଣ ଏବଂ ରେଳ ଲାଇନର ସମ୍ପ୍ରସାରଣ ଉପରେ କାମ ଦ୍ରୁତ ଗତିରେ ଚାଲିଥିବାବେଳେ ଏହି ପଦକ୍ଷେପର ଏକ ଅଂଶଭାବରେ ପ୍ରାୟ ୫୮ ବର୍ଷ ପୁରୁଣା ରେଳ ଓଭରବ୍ରିଜ୍ ପୁନଃନିର୍ମାଣ କରାଯିବ ବୋଲି ସୂଚନା ମିଳିଛି। ଏଥିପାଇଁ ନିକଟବର୍ତ୍ତୀ କିଛି ଜନବସତିକୁ ହଟାଇବା ପାଇଁ ମଧ୍ୟ ପ୍ରସ୍ତୁତି

## ଉଚ୍ଛେଦ ହେବ ୯୯ ଘର

ଆରମ୍ଭ ହୋଇଛି। ତେବେ ନିକଟବର୍ତ୍ତୀ ବସ୍ତିଗୁଡ଼ିକରୁ ପ୍ରାୟ ୯୯ ଘର ଉଚ୍ଛେଦ କରିବା ପାଇଁ ରେଳବିଭାଗ ପକ୍ଷରୁ ଆପାତତଃ ନିଷ୍ପତ୍ତି ହୋଇଥିବା କୁହାଯାଉଛି। ତେବେ ଉଚ୍ଛେଦ ପ୍ରକ୍ରିୟା ପରେ ବାସଚ୍ୟୁତ ବସ୍ତିବାସିନ୍ଦାଙ୍କୁ ଥଇଥାନ କରିବା ପାଇଁ ଏପର୍ଯ୍ୟନ୍ତ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଏହି ପ୍ରକ୍ରିୟା ନିଷ୍ପତ୍ତି ପରେ ବସ୍ତି ଉଚ୍ଛେଦ ହେବ ବୋଲି କୁହାଯାଉଛି। ସୂଚନାଯୋଗ୍ୟ ଯେ ରାଉରକେଲାରେ ଇସ୍ପାତ କାରଖାନା ପ୍ରତିଷ୍ଠା ପାଇଁ ୧୯୫୪ ମସିହାରେ ଜମି ଅଧିଗ୍ରହଣ କରାଯାଇ ୧୯୫୬ ମସିହାରେ ପର୍ଯ୍ୟନ୍ତ ଜାରି ରହିଥିଲା। ଏବଂ ୧୯୫୭ ମସିହାରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ୧୯୫୯ ମସିହାରେ ପ୍ରଥମ ବ୍ଲାଷ୍ଟ ଫର୍ଣ୍ଣେସ୍ ଉଦ୍‌ଘାଟନ କରାଯାଇଥିଲା। ସେତେବେଳେ ପରିବହନ ସୁବିଧା ପାଇଁ



୧୯୫୮ ମସିହାରେ ଏକ ରେଳପଥ ନିର୍ମାଣ କରାଯିବା ସହ ଏହି ଓଭରବ୍ରିଜ୍ ନିର୍ମାଣ କରାଯାଇଥିଲା। କାଳକ୍ରମେ ଏହା ଦୁର୍ବଳ ହୋଇଗଲାଣି ଏବଂ ୫ରୁ ୬ ବର୍ଷ ପୂର୍ବରୁ ମରାମତି କରାଯାଇଥିଲା। ବର୍ତ୍ତମାନ ରେଳ ଷ୍ଟେସନରେ ପ୍ଲାଟ ଫର୍ମ ସଂଖ୍ୟା ୭କୁ ବୃଦ୍ଧି କରାଯାଇଛି। ଭବିଷ୍ୟତରେ ୮, ୯ ଏବଂ ୧୦ ପ୍ଲାଟଫର୍ମ ନିର୍ମାଣ କରିବାକୁ ଯୋଜନା ରହିଛି। ପ୍ଲାଟଫର୍ମ ବୃଦ୍ଧି ସହିତ ରେଳଲାଇନର ସମ୍ପ୍ରସାରଣ ଆବଶ୍ୟକ ହୋଇଯାଇଛି। ଯାହା ପାଇଁ ନୂତନ ପ୍ଲାଟଫର୍ମ ନିର୍ମାଣ ଆବଶ୍ୟକ। ତେଣୁ ଏଥିପାଇଁ ଅତିରିକ୍ତ ଜମି ଆବଶ୍ୟକ ହେବ। ରେଲୱେ ଲାଇନ ପାର୍ଶ୍ୱରେ ଅବସ୍ଥିତ ରହମତ ନଗର ଏବଂ ଶିବଶଙ୍କର ବସ୍ତିରେ ପ୍ରାୟ ୯୯ ଘର ଉଚ୍ଛେଦ ହେବ ବୋଲି ଜଣାପଡ଼ିଛି। ବିସ୍ଥାପିତ ଲୋକଙ୍କ ପୁନର୍ବାସ ପାଇଁ ଏ ପର୍ଯ୍ୟନ୍ତ କୌଣସି ସ୍ପଷ୍ଟ ଯୋଜନା ଘୋଷଣା କରାଯାଇ ନ ଥିଲେ ମଧ୍ୟ ଉଚ୍ଛେଦ ପାଇଁ ନୋଟିସ ଜାରି କରାଯାଇଥିବା ଜଣାପଡ଼ିଛି। ଦକ୍ଷିଣ ପୂର୍ବ ରେଳବାଇ କାର୍ଯ୍ୟନିର୍ବାହୀ ମହାପ୍ରବନ୍ଧକ ସୌମିତ୍ର ମଜୁମଦାର ସମ୍ପ୍ରତି ରାଉରକେଲା ଗସ୍ତ ସମୟରେ ଷ୍ଟେସନର ଆଧୁନିକୀକରଣ ଏବଂ ରେଳ ଲାଇନ ସମ୍ପ୍ରସାରଣ ସମ୍ପର୍କରେ ବରିଷ୍ଠ ଅଧିକାରୀଙ୍କ ସହ ବିସ୍ତୃତ ଆଲୋଚନା କରିଛନ୍ତି।

# ଆର୍‌ଏସ୍‌ପି ସେକେଣ୍ଡାରୀ ଷ୍ଟିଲ୍ ଷ୍ଟକ୍‌ୟାର୍ଡରେ ବିଶ୍ରାମ ଗୃହ ଉଦ୍‌ଘାଟିତ

**ରାଉରକେଲା, ୧୮।୪ (ସମିସ):** ରାଉରକେଲା ଇସ୍ପାତ କାରଖାନାର ଦ୍ୱିତୀୟ ଷ୍ଟିଲ୍ ଷ୍ଟକ୍‌ୟାର୍ଡର ନବୀକୃତ ପ୍ରବେଶ ଏବଂ ବିଶ୍ରାମ ଗୃହକୁ କାରଖାନାର ଭରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମା ଶନିବାର ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ନିର୍ବାହୀ ନିର୍ଦ୍ଦେଶକ ବି.କେ. ଗିରି, ନିର୍ବାହୀ ନିର୍ଦ୍ଦେଶକ, ଅନୀଲ କୁମାର, ନିର୍ବାହୀ ନିର୍ଦ୍ଦେଶକ, ଏସ୍. ପାଲଚୌଧୁରୀ, ଭାରପ୍ରାପ୍ତ ସିଜିଏମ୍, ଆତିଶ ଚନ୍ଦ୍ର ସରକାର, ଅନେକ ମୁଖ୍ୟ ମହାପ୍ରବନ୍ଧକ, ମାର୍କେଟିଂ ଏବଂ ଏମ୍ଏମ୍ ବିଭାଗର ଅନେକ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଡିଆଇସି ଶ୍ରୀବର୍ମା ରେକର୍ଡ ବିକ୍ରୟ ହାସଲକରି ଇସ୍ପାତର ବୃତ୍ତାକାର ଅର୍ଥନୀତିକୁ ସୁଦୃଢ଼ କରିବାରେ ସେମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ପାଇଁ ମାର୍କେଟିଂ ବିଭାଗ ଏବଂ ନିର୍ବାହୀ ନିର୍ଦ୍ଦେଶକଙ୍କୁ ପ୍ରଶଂସା କରିଥିଲେ। ଡିଆଇସି ବର୍ଜ୍ୟ ସାମଗ୍ରୀ ସ୍ଲାଗର ରେକର୍ଡ ନିଷ୍କାସନ ପାଇଁ ଏ ଅବସରରେ ଏମ୍ଆର୍‌ଡି ଏବଂ ସିଆଇଏସ୍ଏଫ୍‌ର ପ୍ରୟାସକୁ ମଧ୍ୟ ପ୍ରଶଂସା କରିଥିଲେ। ଏହା କାର୍ଯ୍ୟଦକ୍ଷତା ଏବଂ ସ୍ଥାୟିତ୍ୱ ମାର୍ଗରେ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା ବୋଲି କହିଥିଲେ। ଅନିଲ କୁମାର ନବୀକରଣ କାର୍ଯ୍ୟରେ ମାର୍ଗଦର୍ଶନ ପାଇଁ ଡିଆଇସି ଏବଂ ସହାୟତା ନିମନ୍ତେ ସମ୍ପୃକ୍ତ ଏଜେନ୍ସିଗୁଡ଼ିକ ପ୍ରତି କୃତଜ୍ଞତା ପ୍ରକାଶ କରିଥିଲେ। ଉଲ୍ଲେଖନୀୟ ଯେ, ନବୀକରଣର ସମସ୍ତ କାର୍ଯ୍ୟ ସିଭିଲ୍ ଇଞ୍ଜିନିୟରିଂ ସେବା ଏବଂ ସିଏମ୍ଏମ୍ ମେକାନିକାଲ୍ ସହାୟତାରେ ଅନ୍ତଃପ୍ରୟାସରେ ସମାହିତ ହୋଇଛି। ଏହି କାର୍ଯ୍ୟକ୍ରମକୁ ମାର୍କେଟିଂ ବିଭାଗର ସିନିୟର ମ୍ୟାନେଜର ସଙ୍ଗୀତା ପି ମିଞ୍ଜ୍ ପରିଚାଳନା କରିଥିଲେ। ଉଲ୍ଲେଖନୀୟ ଯେ କାର୍ଯ୍ୟକ୍ଷେତ୍ର ସୌନ୍ଦର୍ଯ୍ୟକୁ ଉନ୍ନତ କରିବା ଏବଂ କର୍ମଚାରୀମାନଙ୍କ ପାଇଁ ଏକ ଉତ୍ତମ କାର୍ଯ୍ୟ ପରିବେଶ ସୁନିଶ୍ଚିତ କରିବା ଉପରେ ଧ୍ୟାନଦେଇ ଉକ୍ତ ପ୍ରବେଶ ଏବଂ ଅଫିସ ଭିତ୍ତିଭୂମିର ନବୀକରଣ କରାଯାଇଛି।




# ପତ୍ନୀକୁ ପଥରରେ ଛେଚି ହତ୍ୟା : ଅଭିଯୁକ୍ତ ଗିରଫ

**ରାଉରକେଲା, ୧୮।୪(ସମିସ):** ସୁନ୍ଦରଗଡ଼ ଜିଲ୍ଲାର ତଳସରା ଥାନା ଅଧୀନ ଡମପଡ଼ା ଗାଁରେ ଜଣେ ବ୍ୟକ୍ତି ପାରିବାରିକ କଳହକୁ କେନ୍ଦ୍ରକରି ତାଙ୍କ ପତ୍ନୀକୁ ପଥରରେ ଛେଚି ଅତ୍ୟନ୍ତ ନିର୍ମମ ଭାବେ ହତ୍ୟା କରିଥିବା ସୂଚନା ମିଳିଛି। ପୁଲିସ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି। ମୃତ ମହିଳା ହେଉଛନ୍ତି ଆରତୀ ହେମ୍ବ୍ରମ (୩୫)। ସୂଚନା ଅନୁସାରେ ଶୁକ୍ରବାର ତଳସରା ଥାନା ଅଧୀନ ଡମକୁଡା ଗାଁରେ ବାସ କରୁଥିବା ରାଜେଶ କୁମାର ହେମ୍ବ୍ରମ ଓ ତାଙ୍କ ପତ୍ନୀ ଆରତୀ ହେମ୍ବ୍ରମ ମଧ୍ୟରେ ପାରିବାରିକ କଳହକୁ ନେଇ ପାଟିତୁଣ୍ଡ ହୋଇଥିଲା। ଏଥିରେ କ୍ଷୁବ୍ଧ ହୋଇ ରାଜେଶ ଏକ ଠେଙ୍ଗାରେ ଆରତୀର ମୁଣ୍ଡରେ ମରଣାନ୍ତକ ଆକ୍ରମଣ କରିଥିଲା। ଫଳରେ ସେ ତଳେ ପଡ଼ି ଚିତ୍କାର କରୁଥିବା ବେଳେ ନୃଶଂସ ସ୍ୱାମୀ ରାଜେଶ ଏକ ପଥର ଆଣି ଆରତୀର ମୁଣ୍ଡକୁ ଛେଚି ନିର୍ମମ ଭାବେ ହତ୍ୟା କରିଥିଲା। ଖବର ପାଇ ସଦର ଏସଡିପିଓ ନିର୍ମଳ ମହାପାତ୍ର ଏବଂ ତଳସରା ଥାନା ଅଧିକାରୀ ଓ ସାଇଣ୍ଟିଫିକ ପୁଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ଅଭିଯୁକ୍ତ ରାଜେଶ ହେମ୍ବ୍ରମକୁ କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି।

# ୩ କୁଖ୍ୟାତ ହାଇୱେ ଲୁଟେରା ଗିରଫ; ୨୦ ହଜାର ଜବତ

**ରାଉରକେଲା, ୧୮।୪(ସମିସ):** ସୁନ୍ଦରଗଡ଼ ଜିଲ୍ଲା ଅଧୀନ ରାଜଗାଙ୍ଗପୁର ପୁଲିସ ଆଜି ୩ ଜଣ କୁଖ୍ୟାତ ହାଇୱେ ଲୁଟେରାଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ଲୁଟ୍ ନଗଦ ୨୦ ହଜାର ଟଙ୍କା, ୩ଟି ପ୍ଲାଷ୍ଟିକ ଗ୍ୟାଲେନରେ ଥିବା ୧୩୦ ଲିଟର ଡିଜେଲ, ଲୁହା ଛଡ, ମୋବାଇଲ ଫୋନ, ପ୍ଲାଷ୍ଟିକ ପାଇପ, ଏକ ମୋଟର ସାଇକେଲ ଆଦି ଜବତ କରିଛି। ଲୁଟେରାମାନେ ହେଲେ ଦିଲୀପ କୁଜୁର(୨୫), ଆକାଶ ତିଗା (୨୩) ଏବଂ ଆନନ୍ଦ ସଏ(୨୭)। ଗିରଫ ଲୁଟେରାମାନେ ରାଣୀବନ୍ଧ ଛକ ନିକଟରେ ଏକ ହାଇୱାକୁ ଅଟକାଇ ଚାଳକକୁ ଧମକଚମକ ଦେଉଥିବା ବେଳେ ପୁଲିସ ସେମାନଙ୍କୁ କାବୁ କରିଥିଲା।

# ବରିଷ୍ଠ ନାଗରିକଙ୍କୁ ପରିଚୟପତ୍ର ବଣ୍ଟନ

**ରାଉରକେଲା, ୧୮।୪(ସମିସ):** ସୁନ୍ଦରଗଡ଼ ଜିଲ୍ଲା ପୁଲିସ ପକ୍ଷରୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକଙ୍କୁ ପରିଚୟପତ୍ର ବଣ୍ଟନ କରାଯାଇଛି। ସୁନ୍ଦରଗଡ଼ ଏସ୍‌ପି ଅମ୍ରିତପାଲ କୌର ମୁଖ୍ୟଅତିଥି ଭାବେ ଯୋଗ ଦେଇ ହିତାଧିକାରୀମାନଙ୍କୁ ପରିଚୟପତ୍ର ପ୍ରଦାନ କରିଥିଲେ। ଏହି ପରିଚୟ ପତ୍ର ବରିଷ୍ଠ ନାଗରିକଙ୍କ ପାଇଁ ଉନ୍ନତ ସୁରକ୍ଷା ଏବଂ ପୁଲିସ ସମର୍ଥନକୁ ସୁନିଶ୍ଚିତ କରିବା ସହ ପୁଲିସ ନିକଟରେ ବରିଷ୍ଠ ନାଗରିକଙ୍କ ଏକ ନିର୍ଭରଯୋଗ୍ୟ ଡାଟାବେସ୍ ରହିବ ଯାହା ଜରୁରୀକାଳୀନ ପରିସ୍ଥିତିରେ ସେମାନଙ୍କୁ ସୁରକ୍ଷା ପ୍ରଦାନ କରିବାରେ ସାହାଯ୍ୟ କରିବ ବୋଲି ଏସ୍‌ପି ଶ୍ରୀମତୀ କୌର କହିଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଏସ୍‌ପି ଶାନ୍ତା ନୂତନ ସାମଦ, ସୁନ୍ଦରଗଡ଼ ସଦର ଏସ୍‌ଡିପିଓ ନିର୍ମଳ କୁମାର ମହାପାତ୍ରଙ୍କ ସହିତ ସୁନ୍ଦରଗଡ଼ର ବିଭିନ୍ନ ସ୍ଥାନରୁ ଅନେକ ବରିଷ୍ଠ ନାଗରିକ ଉପସ୍ଥିତ ଥିଲେ।

## ଉଦ୍‌ଘାଟନ ପରଠୁ ପଡ଼ିଛି ତାଲା; ବିଭାଗ ନିଦାବିଷ୍ଟ

# କାମରେ ଆସୁନି ଗୋଷ୍ଠୀ ଶୌଚାଳୟ

**ବଣାଇଁ, ୧୮।୪(ସମିସ)**

ବଣାଇଁ ସହରରେ ବିପର୍ଯ୍ୟସ୍ତ ହୋଇପଡ଼ିଛି ମୌଳିକ ବ୍ୟବସ୍ଥା। ସ୍ୱଚ୍ଛଭାରତ ମିଶନ ପାଣ୍ଠିରୁ ଲକ୍ଷଲକ୍ଷ ଟଙ୍କା ଖର୍ଚ୍ଚ କରି ବଣାଇଁ କଲେଜ ଛକ ଏବଂ ବଣାଇଁ ବ୍ଲକ ରାଜୀବ ଗାନ୍ଧୀ ସେବାକେନ୍ଦ୍ର ସମ୍ମୁଖରେ ନିର୍ମାଣ ହୋଇଛି ଗୋଷ୍ଠୀ ଶୌଚାଳୟ। ହେଲେ ବିଭାଗୀୟ ଅଧିକାରୀଙ୍କ ଖାମଖିଆଲି ମନୋଭାବ ଯୋଗୁଁ ବର୍ଷବର୍ଷ ଧରି ଏସବୁ ଲୋକଙ୍କ କାମରେ ଆସି ପାରୁନାହିଁ। ମାସମାସ ଧରି ଶୌଚାଳୟରେ ତାଲା ପଡ଼ିଛି। ଖୋଲା ହେଉ ନ ଥିଲେ ବି ମଝିରେ ମଝିରେ ରଙ୍ଗ ମାରି ସରକାରୀ ଅର୍ଥ ଆତ୍ମସାତ୍ କରାଯାଉଛି। ବଣାଇଁ କୁ ଯିବା ଆସିବା କରୁଥିବା ସାଧାରଣ ଯାତ୍ରୀମାନେ ବଣାଇଁ ପହଞ୍ଚିବା ପରେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଦେଓଗାଁ ଛକ ଠାରୁ, ଚର୍ଚ୍ଚଛକ, ବ୍ଲକଛକ, କଲେଜ ଛକ, କଚେରି ଛକ, ମେଡିକାଲ ଛକ, ପୋଷ୍ଟ ଅଫିସ ଛକ, ରଥଛକ କନ୍ତଯୋଡି ପର୍ଯ୍ୟନ୍ତ ଥିବା ପ୍ରମୁଖ ଛକ ଗୁଡିକରେ ମୌଳିକ ସୁବିଧା ନାହିଁ, ସବୁ ଶୌଚାଳୟରେ ତାଲା ପଡ଼ିଛି। ଏଭଳି ସ୍ଥିତିରେ ମହିଳା ଯାତ୍ରୀ ଟିଏ ହେଉ କିମ୍ବା ବରିଷ୍ଠ ନାଗରିକ କିମ୍ବା ବିଦ୍ୟାଳୟର ଛାତ୍ରଛାତ୍ରୀ, ଶୌଚାଳୟ ଅଭାବରୁ ନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ଉହଡ଼ହ ଖରାଦିନ ହେଉ କିମ୍ବା ବର୍ଷାଦିନ ହେଉ ରାସ୍ତା କଡରେ ମୁଣ୍ଡ ଗୁଞ୍ଜିବାକୁ ସ୍ଥାନ ନାହିଁ। ବିଶ୍ରାମ ଗୃହତ ଦୂରର କଥା ଦୁଇଟି ଯାକ ଗୋଷ୍ଠୀ ଶୌଚାଳୟର ଅବସ୍ଥିତି ଏକା। ଉଦ୍‌ଘାଟନ ପରେ ତାଲା ପଡ଼ିଛି। ଫଳରେ ଯେଉଁ ଉଦ୍ଦେଶ୍ୟ ନେଇ ତାହା ତିଆରି କରାଯାଇଥିଲା




ତାହା ଲୋକଙ୍କ କାମରେ ଆସି ପାରୁନାହିଁ। ଥଣ୍ଡା ପାନୀୟଜଳ ଟିକେ ପାଇବା ମଧ୍ୟ କଷ୍ଟକର କଥା, କଲେଜ ଛକରେ ଲାଗିଥିବା ମେସିନ ଦୀର୍ଘଦିନ ଧରି ଅକାମି ହୋଇ ପଡ଼ିରହିଛି। ଜଳ ଯୋଗାଣ ଓ ପରିମଳ ବିଭାଗକୁ ପଚାରିଲେ ସେ ପଞ୍ଚାୟତକୁ ଦୋଷ ଦେଉଛନ୍ତି, ପଞ୍ଚାୟତକୁ ପଚାରିଲେ ସେ କୋଉ ମହିଳା ଗୋଷ୍ଠୀ ଏସବୁ ପରିଚାଳନା କରିବେ ବୋଲି କହୁଛନ୍ତି। ତେଣୁ ସମସ୍ତେ ନିଜ ନିଜ ବାଟରେ ଅଛନ୍ତି। ବାରମ୍ବାର ବଣାଇଁର ବରିଷ୍ଠ ନାଗରିକଙ୍କ ଠାରୁ ନେଇ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧିମାନେ ଏ ବିଷୟରେ ପ୍ରଶାସନିକ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ ତାର କୌଣସି ସୁଫଳ ମିଳି ପାରୁନାହିଁ। ତେଣୁ ଆଗାମୀ ଦିନରେ ଏହାର ଏକ ସ୍ଥାୟୀ ସମାଧାନ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କ ସହ ଜିଲ୍ଲାପାଳ ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀମାନେ ଦାବି କରିଛନ୍ତି।

# ରାଜଗାଙ୍ଗପୁରରେ ବିଜୁ ବାବୁଙ୍କ ଶ୍ରାଦ୍ଧ ଦିବସ

**ରାଉରକେଲା, ୧୮।୪(ସମିସ):** ରାଜଗାଙ୍ଗପୁରରେ ଆଜି ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସହରର ବିଜୁ ପଟ୍ଟନାୟକ ଛକରେ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ବିଜେଡିର ନେତୃବୃନ୍ଦ ଓ କର୍ମୀ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ମଙ୍ଗଳା କିଷାନଙ୍କ ମାର୍ଗଦର୍ଶନରେ ବିଜେଡିର ଟାଉନ ସଭାପତି ସୁଶ୍ରୀତା ପାଇକରାୟଙ୍କ ନେତୃତ୍ୱରେ ସହରର ବିଜୁ ପଟ୍ଟନାୟକ ଛକରେ ଶତାଧିକ ଦଳର ନେତୃବୃନ୍ଦ ଓ କର୍ମୀ ଏକତ୍ରିତ ହୋଇ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାସୁମନ ଶ୍ରଦ୍ଧାଞ୍ଜଳି ପ୍ରଦାନ କରିଥିଲେ। ଏହି ଅବସରରେ ରାଜଗାଙ୍ଗପୁର ପୌର ଅଧ୍ୟକ୍ଷା ମାଧୁରୀ ଲୁଗୁନ, ବ୍ଲକ ଅଧ୍ୟକ୍ଷା ସବିନା ମିଞ୍ଜ, ଉପାଧ୍ୟକ୍ଷ ମହମ୍ମଦ ଇରଫାନ, ବରିଷ୍ଠ ନେତା ସଞ୍ଜୀବ ବେଉରା, ପୂର୍ବତନ ଟାଉନସଭାପତି ଅମରେଶ ପଣ୍ଡା, ରାଜେନ୍ଦ୍ର ବେହେରା, ରାଜେନ୍ଦ୍ର ଲେଙ୍କା, ପୌର ପରିଷଦର ଅନେକ କାଉନସିଲର ସମେତ ଦଳର ବହୁ ନେତୃବୃନ୍ଦ ଓ ଦଳୀୟ କର୍ମୀ ଉପସ୍ଥିତ ରହିଥିଲେ।



## ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ

# ୩ ଦିନ ପର୍ଯ୍ୟନ୍ତ ସମସ୍ତ ସ୍କୁଲ ବନ୍ଦ

**ନୂଆପଡ଼ା, ୧୮ ।୪(ସମିସ):** ନୂଆପଡ଼ା ଜିଲ୍ଲାରେ ଦିନକୁ ଦିନ ଗ୍ରୀଷ୍ମ ପ୍ରବାହ ବୃଦ୍ଧି ସାଙ୍ଗକୁ ଭାରତୀୟ ପାଣିପାଗ ବିଭାଗ ଦ୍ୱାରା ଜାରି କରାଯାଇଥିବା ପ୍ରଚଣ୍ଡ ଗ୍ରୀଷ୍ମ ଲହରୀ ସମ୍ବନ୍ଧୀୟ ରେଡ ୱାର୍ଣ୍ଣିଂ ଓ ଛାତ୍ରଛାତ୍ରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ନୂଆପଡ଼ା ଜିଲ୍ଲାର ସମସ୍ତ ସ୍କୁଲକୁ ତିନିଦିନ ପାଇଁ ବନ୍ଦ ଘୋଷଣା କରିଛନ୍ତି ନୂଆପଡ଼ା ଜିଲ୍ଲାପାଳ। ନୂଆପଡ଼ା ଜିଲ୍ଲାପାଳ ମଧୁସୁଦନ ଦାଶଙ୍କ ନିର୍ଦ୍ଦେଶ ପତ୍ରାଙ୍କ ସଂଖ୍ୟା ୨୯୦୩/୨୬ ଅନୁଯାୟୀ ସମସ୍ତ ସରକାରୀ, ସରକାରୀ ସହାୟତାପ୍ରାପ୍ତ ଓ ବେସରକାରୀ ପ୍ରାଥମିକ, ଉଚ୍ଚ ପ୍ରାଥମିକ, ମାଧ୍ୟମିକ ଓ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ସହ ଓଡ଼ିଶା ଆଦର୍ଶ ବିଦ୍ୟାଳୟ, କେନ୍ଦ୍ରୀୟ ବିଦ୍ୟାଳୟ, ଜବାହାର ନବୋଦୟ ବିଦ୍ୟାଳୟ ଓ ଏକଲବ୍ୟ ମଡେଲ ଆବାସିକ ବିଦ୍ୟାଳୟ ଆସନ୍ତା ୨୦ ତାରିଖରୁ ୨୨ତାରିଖ ପର୍ଯ୍ୟନ୍ତ ବନ୍ଦ ରହିବ। ଏହିଭଳି ପଞ୍ଚମ ଓ ଅଷ୍ଟମ ଶ୍ରେଣୀର ସପ୍ଲିମେଣ୍ଟାରୀ ପରୀକ୍ଷା ସକାଳ ୭ଟାରୁ ୯ଟା ପର୍ଯ୍ୟନ୍ତ ନିର୍ଦ୍ଧାରିତ ସମୟରେ ଆୟୋଜିତ ହେବ। ପରୀକ୍ଷାର୍ଥୀମାନଙ୍କ ପାଇଁ ଫଳ, ରସ ଓ ଓଆରଏସ ବ୍ୟବସ୍ଥା କରାଯିବା ସହିତ ସେମାନଙ୍କ ସୁରକ୍ଷା ଓ ସୁବିଧାକୁ ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହାସହିତ ଜନଗଣନା ସମ୍ବନ୍ଧୀୟ କାର୍ଯ୍ୟ ସମସ୍ତ ପ୍ରକାର ସତର୍କତା ଅବଲମ୍ବନ କରି ଜାରି ରହିବ। ସମସ୍ତ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀ ବିଦ୍ୟାଳୟରେ ଉପସ୍ଥିତ ରହିବେ ଏବଂ ଜନଗଣନା କାମ, ଭର୍ତ୍ତି ପ୍ରକ୍ରିୟା, ୟୁନିଫର୍ମ ବଣ୍ଟନ ଓ ରେକର୍ଡ ଅଦ୍ୟତନ କାର୍ଯ୍ୟ ଜାରି ରହିବ। ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ସ୍କୁଲ କର୍ତ୍ତୃପକ୍ଷଙ୍କୁ ଏହି ନିର୍ଦ୍ଦେଶକୁ କଡାକଡି ଭାବରେ ପାଳନ କରିବାକୁ କୁହାଯାଇଛି।

# ନୂଆପଡ଼ାରେ ଜଳଛତ୍ର ଉଦ୍‌ଘାଟନ କଲେ ଏସ୍‌ପି

**ନୂଆପଡ଼ା, ୧୮ ।୪(ସମିସ):** ନୂଆପଡ଼ା ଜିଲ୍ଲାରେ ତାପ ମାତ୍ରା ବୃଦ୍ଧି ସାଙ୍ଗକୁ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଜିଲ୍ଲା ପୁଲିସ ବିଭାଗ ନୂଆପଡ଼ା ଜିଲ୍ଲା ସଦର




ମହକୁମା ସମେତ ସମସ୍ତ ଥାନା ଅଞ୍ଚଳରେ ଜଳଛତ୍ର ସହ ଶୀତଳ ଜଳର ବ୍ୟବସ୍ଥା କରୁଛି ପୁଲିସ ବିଭାଗ ବୋଲି ଏସ୍‌ପି ଅମ୍ରିତପାଳ ସିଂ କହିଛନ୍ତି। ଶନିବାର ତାଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଜଳଛତ୍ର ଉଦ୍‌ଘାଟନ କରି ଏସ୍‌ପି କହିଛନ୍ତି। ମଧ୍ୟାହ୍ନରେ ପୁଲିସ ବିଭାଗର ସମସ୍ତ ଅଧିକାରୀଙ୍କ ଉପସ୍ଥିତିରେ ଜଳଛତ୍ର ଉଦ୍‌ଘାଟନ କରି ପଥଚାରୀଙ୍କୁ ନିଜେ ଥଣ୍ଡା ଦହିସର୍ବତ ବଣ୍ଟନ କରିଥିଲେ। ଏଏସ୍‌ପି ରଞ୍ଜିତ ନାୟକ, ଏସ୍‌ଡିପିଓ ଦିଲିପ ସାହୁ, ସ୍ୱାଧୀନ ମିଶ୍ର, ନୂଆପଡ଼ା ଥାନାଧିକାରୀ ଗଙ୍ଗାଧର ମେହେର ପ୍ରମୁଖ ସାମିଲ ଥିଲେ। ଆଗାମୀ ଦିନରେ ସମସ୍ତ ଥାନା ସମ୍ମୁଖରେ ଜଳଛତ୍ର କରାଯିବ ବୋଲି କୁହାଯାଇଛି। ଜିଲ୍ଲାବାସୀ ସଚେତନ ହୋଇ ହାତରେ ପାଣି ବୋତଲ, ମୁଣ୍ଡରେ ପଗଡ଼ି ସହ ଛତା ବ୍ୟବହାର କରିବାକୁ ଆହ୍ୱାନ ଦେଇଛନ୍ତି।

# ମହିଳାଙ୍କ ଗଳିତଶବ ଉଦ୍ଧାର

**ଭବାନୀପାଟଣା, ୧୮ ।୪(ସମିସ):** ନର୍ଲା ଥାନା ବଲବସପୁର-ବୁଢ଼ୀପଦରଗାଁ ସୀମା ନିକଟସ୍ଥ ରୁଗୁଡ଼ି ଖାଲରେ ଶନିବାର ସକାଳୁ ଜଣେ ମହିଳାଙ୍କ ଗଳିତ ମୃତଦେହ ପଡ଼ି ରହିଥିବା ଦେଖିବାକୁ ମିଳିଥିଲା। ଶବ ପଚି ଦୁର୍ଗନ୍ଧ ହେଉଥିଲା। ସ୍ଥାନୀୟଲୋକେ ନର୍ଲା ପୁଲିସକୁ ଖବର ଦେଇଥିଲେ। ନର୍ଲା ଥାନାଧିକାରୀ ବିଜୟରାଜ ମାଝୀ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରି ତଦନ୍ତ ଆରମ୍ଭ କରିଥିଲେ। କେସିଙ୍ଗା ଏସ୍‌ଡିପିଓ ଏବଂ ନର୍ଲା ତହସିଲଦାର ଶବକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇ ଦେଇଥିଲେ। ଖବର ଲେଖାଯିବା ପର୍ଯ୍ୟନ୍ତ ମହିଳାଙ୍କ ପରିଚୟ ମିଳି ପାରିନାହିଁ। ପୁଲିସ ତଦନ୍ତ ଜାରି ରଖିଛି।

# ଅଜଣା ବୃଦ୍ଧଙ୍କ ମୃତଦେହ ଉଦ୍ଧାର

**ଭବାନୀପାଟଣା, ୧୮ ।୪ (ସମିସ):** କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ସଦର ଥାନା ଟେଗ୍ନାବାହାଲି -ଯୁଗସାଇପାଟଣା ରାସ୍ତା ମଧ୍ୟରେ ଥିବା ଏକ ପୋଲ ଉପରୁ ଜଣେ ବୃଦ୍ଧଙ୍କ ମୃତଦେହକୁ ପୁଲିସ ଉଦ୍ଧାର କରିଛି। ମୃତ ବୃଦ୍ଧଙ୍କ ବର୍ତ୍ତମାନ ସୁଦ୍ଧା ପରିଚୟ ଜଣାପଡ଼ିନାହିଁ। ମୃତଦେହ ପାଖରେ ବୃଦ୍ଧଙ୍କ ସାଇକଲ ଓ ଗୋଟିଏ ହଳ ଚପଲ ରଖା ହୋଇଥିବ ଦେଖିବାକୁ। ବୃଦ୍ଧ ଜଣକ ଏଠାକୁ କେମିତି ଆସିଲେ ଓ ତାଙ୍କର ମୃତ୍ୟୁ କେମିତି ହେଲା ସନ୍ଦେହ ପ୍ରକାଶ ପାଇଛି। ସଦର ଥାନା ପୁଲିସ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

## ପାରିବାରିକ କଳହର କରୁଣ ପରିଣତି

# ବଧୂ ହତ୍ୟା ଅଭିଯୋଗରେ ୩ ଜଣ ଅଟକ

**ଥୁଆମୂଳରାମପୁର, ୧୮ ।୪(ସମିସ):** କଳାହାଣ୍ଡି ଜିଲ୍ଲାର ଥୁଆମୂଳରାମପୁର ଥାନା ମହୁଲପାଟଣା ଫାଣ୍ଡି କାଦୋବେଡ଼ା ଗ୍ରାମରେ ଜଣେ ୧୮ ବର୍ଷୀୟା ନବବଧୂଙ୍କୁ ନିର୍ମମ ଭାବେ ହତ୍ୟା କରାଯାଇଥିବା ଅଭିଯୋଗ ଆସିଛି। ମୃତ ବଧୂ ବନିତା ନାଏକ ଅନ୍ତ୍ରି ପଞ୍ଚାୟତର ବଡ଼ ବୋଫଲା ଗ୍ରାମର ଭଜମନ ନାଏକଙ୍କ ଝିଅ। ସେ ପ୍ରାୟ ୪ ମାସ ପୂର୍ବରୁ କାଦୋବେଡ଼ା ଗ୍ରାମର କରୁଣା ମୁଦୁଲିଙ୍କୁ ପ୍ରେମ ବିବାହ କରିଥିଲେ। ଅଭିଯୋଗ ଅନୁସାରେ, ଗତ ଶୁକ୍ରବାର ସକାଳେ ପାରିବାରିକ କଳହକୁ କେନ୍ଦ୍ର କରି ସ୍ୱାମୀ କରୁଣା ମୁଦୁଲି, ଶ୍ୱଶୁର କୁମ ମୁଦୁଲି ଓ ଶାଶୁ ଧନେଶ୍ୱର ମୁଦୁଲି ମିଳି ବନିତାଙ୍କୁ ମାର୍‌ପିଟ କରିଥିଲେ। ପରେ ତାଙ୍କୁ ଶ୍ୱାସରୋଧ କରି ହତ୍ୟା କରାଯାଇଥିବା ଅଭିଯୋଗ ରହିଛି। ଘଟଣାକୁ ଲୁଚାଇବା ପାଇଁ ମୃତଦେହକୁ ଖଟ ଉପରେ ଶୁଆଇ ଦିଆଯାଇଥିଲା ବୋଲି କୁହାଯାଉଛି। ଏନେଇ ବନିତାଙ୍କ ବାପା ଭଜମନ ନାଏକ ଥାନାରେ ଲିଖିତ ଅଭିଯୋଗ କରିଥିବା ବେଳେ, ଶ୍ୱଶୁରଘରର ସମସ୍ତ ସଦସ୍ୟଙ୍କ ଜଡିତ ଥିବା ନେଇ ସନ୍ଦେହ ପ୍ରକାଶ କରିଛନ୍ତି। ଘଟଣାର ଗୁରୁତ୍ୱ ଦୃଷ୍ଟିରୁ ସଦର ଏସଡିପିଓ ନରେଶ ପ୍ରଧାନ ଘଟଣାସ୍ଥଳକୁ ପହଞ୍ଚି ସ୍ଥିତିର ଅନୁଧ୍ୟାନ କରିଥିଲେ। ତଦନ୍ତକୁ ଅଧିକ ମଜବୁତ କରିବା ପାଇଁ ଭବାନୀପାଟଣାରୁ ସାଇଣ୍ଟିଫିକ୍ ଦଳ ପହଞ୍ଚି ଘଟଣାସ୍ଥଳରୁ ବିଭିନ୍ନ ପ୍ରମାଣ ସଂଗ୍ରହ କରିଛି। ପୁଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିବା ବେଳେ, ସ୍ୱାମୀ ସମେତ ୩ ଜଣଙ୍କୁ ଅଟକ ରଖି ପଚରାଉଚରା ଜାରି ରଖିଛି। ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଘଟଣା ସମ୍ପର୍କରେ ଥୁଆମୂଳ ରାମପୁର ଥାନାରେ କେସ୍ ନମ୍ବର ୫୨/୨୬ ମାମଲା ରୁଜୁ ହୋଇଛି। ଏସଆଇ ସନ୍ତୋଷ କୁମାର ସେଠୀ ଘଟଣା ମୁଖ୍ୟ ତଦନ୍ତକାରୀ ଅଧିକାରୀ ଭାବେ ନିଯୁକ୍ତ ହୋଇଛନ୍ତି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ଘଟଣାର ସତ୍ୟତା ଜଣାପଡ଼ିବ ବୋଲି ପୁଲିସ ସୂଚନା ଦେଇଛି।

## ବିଭାଗୀୟ ସଚେତନତା କାମ କରୁନି

# ନିଆଁ କବଳରେ କଳାହାଣ୍ଡି ଜଙ୍ଗଲ

**ଭବାନୀପାଟଣା, ୧୮ ।୪(ସମିସ)**

ପ୍ରତିବର୍ଷ କଳାହାଣ୍ଡି ଜଙ୍ଗଲରେ ନିଆଁ ଲାଗିବା ଯେମିତି ସାଧାରଣ ଘଟଣାରେ ପରିଣତ ହେବାରେ ଲାଗିଛି। ସ୍ଥାନୀୟ ଅଧିବାସୀ ଜଙ୍ଗଲରେ ନିଆଁ ଲଗାଇବା ସମୟରେ ଜଙ୍ଗଲ କ୍ଷୟର ଚିନ୍ତା ସେମାନଙ୍କୁ ସ୍ପର୍ଶ କରୁନଥିବା ସତ କିନ୍ତୁ ବିଭାଗ କରୁଛି କଣ ତାହା ସବୁଠାରୁ ବଡ ପ୍ରଶ୍ନ। ଅନ୍ୟାନ୍ୟ କାରଣ ସହିତ ଜଙ୍ଗଲରେ ପଡୁ ଚାଷ ପାଇଁ ନିଆଁ ଲଗାଇବା ପ୍ରମୁଖ କାରଣ ବୋଲି କହି ନିଆଁ ଲାଗିବା ପର୍ଯ୍ୟନ୍ତ ଜଙ୍ଗଲ ବିଭାଗ ଚୁପ। ନିଆଁ ଲାଗିବା ପରେ ନିଆଁକୁ ଆୟତ କରିବା ପାଇଁ ଜଙ୍ଗଲରେ ପହଞ୍ଚି ଯାଆନ୍ତି। ଅନ୍ୟଦିଗରୁ ଦେଖିଲେ ପୋଡୁଚାଷ ପ୍ରତି ଆଗ୍ରହ ବୃଦ୍ଧି ପାଇବା ପଛରେ ଦାରିଦ୍ର୍ୟ ହିଁ ମୌଳିକ କାରଣ ବୋଲି ଅନେକ କହିଥାନ୍ତି। ଜଙ୍ଗଲକୁ ଜୀବନଧାରଣର ମୂଳ ଭାବି ରୋଜଗାରର ବାଟ ଖୋଜୁଥିବା ବନାଞ୍ଚଳବାସୀଙ୍କ ଦୁଃଖ ଯାଇନାହିଁ। ଆଦିବାସୀ ଅଞ୍ଚଳରେ ବିଭିନ୍ନ କ୍ଷେତ୍ରରେ ଏବେ ବି ଲୋକଙ୍କର ବଞ୍ଚିବାର ପାରମ୍ପରିକ ଧାରାରେ ବିଶେଷ ପରିବର୍ତ୍ତନ ହୋଇନାହିଁ। ଲଘୁ ବନଜାତ ଦ୍ରବ୍ୟ ସଂଗ୍ରହରେ ପ୍ରତିବନ୍ଧକ ରହିଛି ତେବେ ଆଜି ମଧ୍ୟ କିନ୍ତୁ ଅଙ୍ଗାର ବିକ୍ରି ବନ୍ଦ ହୋଇନାହିଁ। ଜଙ୍ଗଲରେ ନିଆଁ ଲଗାଇବା ସହ ପୋଡୁଚାଷ ଜୀବନ ତଥା ଜୀବିକା ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ବୋଲି କେତକଙ୍କ ମନରୁ ଭାବନା ଦୂର ହୋଇନାହିଁ। କଳାହାଣ୍ଡି ଜିଲ୍ଲାରେ ପ୍ରତିଥର ମେ'ମାସ ଶେଷ ପର୍ଯ୍ୟନ୍ତ ଜଙ୍ଗଲରେ ନିଆଁ ଲାଗୁଥିବା ଦେଖିବାକୁ ମିଳେ।ଏବେ ନିଆଁ ଲାଗିବା ପ୍ରାୟତଃ ଆରମ୍ଭ ମାତ୍ର କୁହାଯାଉଛି। ଦେଖିବାକୁ ଗଲେ ଅନେକ ଜଙ୍ଗଲ ପାହାଡ଼ ନିଆଁର କବଳରେ ରହିଛି। ଜଙ୍ଗଲରେ ନିଆଁ ଲଗାଇବା ଏକ ସାଧାରଣ ଅଭ୍ୟାସରେ ପରିଣତ ହେବାକୁ ଯାଉଛି। କେବଳ ଯେ ଆଦିବାସୀ



କିମ୍ବା ବନବାସୀମାନେ ପୋଡୁଚାଷ କରନ୍ତି ତାହା ନୁହେଁ, ଅଣଆଦିବାସୀମାନେ ମଧ୍ୟ କେତେକ ସ୍ଥାନରେ ଏହି ଚାଷ କରିବା ଯୋଗୁଁ ପରିସ୍ଥିତି ଅସମ୍ଭାଳ ଆଡକୁ ଯାଉଥିବା କୁହାଯାଇଛି। ବନ ବିଭାଗ ଜଙ୍ଗଲରେ ନିଆଁ ନଲଗାଇବା ପାଇଁ ବହୁ ପୂର୍ବରୁ ପ୍ରସ୍ତୁତି ପର୍ବ କରୁଛନ୍ତି। ସାମ୍ବାଦିକ ସମ୍ମିଳନୀ କରି ନିଜେ ଜଙ୍ଗଲ ବିଭାଗ ଖୁବ୍ ତତ୍ପର ବୋଲି କହିଥାନ୍ତି। କିନ୍ତୁ ନିଆଁ ଗିଳି ଚାଲିଛି ଜଙ୍ଗଲ। ନିଆଁକୁ ରୋକିବା ଲାଗି ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଥିବା କଥା କେବଳ ବିଦ୍ଧି ତୁଲାଇବା ଭଳି ପ୍ରହଶନ ପାଲଟିଛି।କଳାହାଣ୍ଡି ଜଙ୍ଗଲ ଜଳିବା



ଉଦ୍‌ବେଗଜନକ। କଳାହାଣ୍ଡି ଜିଲ୍ଲା ଜଂଗଲାଞ୍ଚଳକୁ ଉତ୍ତର ଓ ଦକ୍ଷିଣ ବନ ମଣ୍ଡଳରେ ବିଭକ୍ତ କରାଯାଇଛି। ଉତ୍ତରବନ ମଣ୍ଡଳରେ ନିଆଁକୁ ଆୟତ୍ତ କରିବା ସ୍କ୍ୱାର୍ଡ ଗଠନ କରାଯାଇଥିବା ବେଳେ ଦକ୍ଷିଣ ବନ ମଣ୍ଡଳରେ ମଧ୍ୟ ସ୍କ୍ୱାର୍ଡ ଗଠନ କରିଛି। ବ୍ଲୋର ମେସିନ ଦ୍ୱାରା ନିଆଁ ଲାଗିଥିବା ଜଙ୍ଗଲରେ ପ୍ରବେଶକରି ନିଆଁ ଲିଭାଇବା କାର୍ଯ୍ୟ ଚାଲିଛି।ବ୍ୟାନର, ସଚେତନତା ପାଇଁ ଗାଁ ଗାଁରେ ମିଟିଂ ରାଲି କରାଯିବା ସହ କଣ୍ଟ୍ରୋଲରୁମ୍ ଖୋଲାଯିବା କଥା କୁହାଯାଇଛି।କଳାହାଣ୍ଡି ଦକ୍ଷିଣ ବନମଣ୍ଡଳରେ ଥିବା ଜଙ୍ଗଲରେ ରିପୋର୍ଟ ମୁତାବକ ଏହି କିଛି ଦିନ ଭିତରେ ଅଧିକାଂଶ ଫାୟାର ପଏଣ୍ଟରେ ନିଆଁ ଲାଗୁଥିବା ସଂଗେ ସଂଗେ ଅଣଜଙ୍ଗଲ ତଥା ରାଜସ୍ୱ ଜମିରେ ମଧ୍ୟ ଫାୟାର ପଏଣ୍ଟରେ ବରାବର ନିଆଁ ଲାଗୁଥିବା ପ୍ରକାଶ। ସେହିଭଳି ଉତ୍ତର ବନ ମଣ୍ଡଳ କଥା କୁହାଗଲେ, ସେହି ଜଙ୍ଗଲରେ ତେରେନାମ ଘାଟି ଜାମଟୁଁଆ ଜଙ୍ଗଲ ଓ ଆଖପାଖ ଅଞ୍ଚଳରେ ନିଆଁ ଲାଗି ଜଙ୍ଗଲ ଧ୍ୱଂସ ହେବା ବିଭାଗ ପାଇଁ ଚ୍ୟାଲେଞ୍ଜ ହୋଇଛି। ଏମ ରାମପୁର ବ୍ଲକର ମୋହନଗିରି, କାଉପଦର ଓ ଯୁରାଖମନ ଜଙ୍ଗଲ ଦିନ ରାତି ଜଳୁଛି। ଏ ସମ୍ପର୍କରେ ଉତ୍ତର ବାନ ଖଣ୍ଡ ଏସିଏଫ କହିଛନ୍ତି ଗତ ୭ଦିନ ଧରି ନିଆଁକୁ ଆୟତ କରିବାକୁ ଅକ୍ଲାନ୍ତ ପରିଶ୍ରମ କରିବାକୁ ପଡୁଛି। ପ୍ରତିବର୍ଷ ନିଆଁ ଲାଗିବା ଦ୍ୱାରା ପ୍ରକୃତିର ସବୁଜ ବଳୟ ଏବେ ଅସହାୟ ହେବା ସହିତ ନିଜ ଅସ୍ତିତ୍ୱ ଓ ନିଜ ପରିଚୟ ଖୋଜୁଛି। ଜଙ୍ଗଲରେ ନିଆଁ ଲାଗିବା ସହିତ ବ୍ୟାପକ ଗଛକଟା ଏବଂ ପୋଡୁଚାଷ ନାଁରେ ଜଙ୍ଗଲ ସଫା ହେବା ବିଷୟ ସାଧାରଣରେ ଉଦ୍‌ବେଗର କାରଣ ସାଜିଛି। ବନବିଭାଗ ଗ୍ରହଣ ଜରୁଥିବା ବିଭିନ୍ନ ସଚେତନତା ମୂଳକ ପଦକ୍ଷେପ କୌଣସି ପ୍ରଭାବ ପକାଉନାହିଁ ବୋଲି ମତ ପ୍ରକାଶ ପାଇଛି।କେବଳ ଜଙ୍ଗଲ ଧ୍ୱଂସ ହେବା ସାର ବୋଲି ପ୍ରକୃତି ପ୍ରେମୀମାନେ ପ୍ରତିବର୍ଷ ପ୍ରମାଦଗଣି ନୀରବ ରହିବାକୁ ବାଧ ହେଉଛନ୍ତି।

# ହାଇୱା-ବାଇକ୍ ମୁହାଁମୁହିଁ ଧକ୍କା;୩ ଗୁରୁତର

**ଥୁଆମୂଳରାମପୁର, ୧୮ ।୪ (ସମିସ):** କଳାହାଣ୍ଡି ଜିଲ୍ଲା ଥୁଆମୂଳରାମପୁର ଥାନା ଶ୍ରୀମସ୍କା ଛକରେ ଶନିବାର ଅପରାହ୍ନରେ ଦୁର୍ଘଟଣା ଘଟି ୩ ଜଣ ଯୁବକଯୁବତୀ ଗୁରୁତର ଆହତ ହୋଇଛନ୍ତି। ଘଟଣା ପରେ ସ୍ଥାନୀୟ ଲୋକ ଦୀର୍ଘ ସମୟ ଧରି ରାସ୍ତା ଅବରୋଧ ହୋଇଥିଲା। ସୂଚନା ଅନୁସାରେ, ଅପରାହ୍ନ ପ୍ରାୟ ୧ଟା ୧୦ ମିନିଟ ସମୟରେ ଶ୍ରୀମସ୍କା ଗ୍ରାମର ଶୁଭଶ୍ରୀ ମାଝୀ (୧୬), କେଦାରନାଥ ମାଝୀ (୧୯) ଓ ସୌରଭି ମାଝୀ (୧୮) ବାଇକ୍‌ରେ ଗ୍ରାମରୁ ମୁଖ୍ୟ ରାସ୍ତାକୁ ଆସୁଥିବା ବେଳେ,



ଥୁଆମୂଳରାମପୁର ଦିଗରୁ ଆସୁଥିବା ଏକ ଦ୍ରୁତଗାମୀ ହାଇୱା ସାମ୍ନାସାମ୍ନି ଧକ୍କା ଦେଇଥିଲା। ଧକ୍କାର ତୀବ୍ରତାରେ ବାଇକ୍ ସମ୍ପୂର୍ଣ୍ଣ ଭାଙ୍ଗିଯାଇଥିବା ବେଳେ ୩ ଜଣ ଆରୋହୀ ଗୁରୁତର ଆହତ ହୋଇ ରାସ୍ତା ଉପରେ ପଡ଼ି ରହିଥିଲେ। ଘଟଣା ପରେ ଆହତମାନଙ୍କୁ ଆମ୍ବୁଲାନ୍ସ ଯୋଗେ ଥୁଆମୂଳରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା। ଡାକ୍ତର ଅନମୋଲ ରଣା ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। କିନ୍ତୁ ସ୍ୱାସ୍ଥ୍ୟ ସେବାର ଅବ୍ୟବସ୍ଥା ସ୍ପଷ୍ଟ ହୋଇଥିଲା ଶୁଭଶ୍ରୀଙ୍କୁ ଆମ୍ବୁଲାନ୍ସ ମିଳିଥିଲେ ମଧ୍ୟ, କେଦାର ଓ ସୌରଭିଙ୍କ ପାଇଁ କୌଣସି ବ୍ୟବସ୍ଥା ହୋଇନଥିଲା। ଶେଷରେ ପରିବାର ଲୋକେ ନିଜ ଖର୍ଚ୍ଚରେ ଗାଡ଼ି ଭଡ଼ା କରି ସେମାନଙ୍କୁ ଭବାନୀପାଟଣାକୁ ନେଇଥିଲେ। ଦୁର୍ଘଟଣାକୁ ନେଇ ସ୍ଥାନୀୟ ଲୋକ ଉତ୍ୟକ୍ତ ହୋଇ ହାଇୱା ଗାଡ଼ିକୁ ଅଟକ ରଖିଥିବା ସହ ଶ୍ରୀମସ୍କା ଛକରେ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ଚାଳକ ମଦ୍ୟପାନ କରି ଗାଡ଼ି ଚାଳନା କରୁଥିବା ଅଭିଯୋଗ ମଧ୍ୟ ଉଠିଛି। ଉଲ୍ଲେଖନୀୟ ଯେ, ଥୁଆମୂଳ ରାମପୁରରୁ ଗୁଣପୁର ପର୍ଯ୍ୟନ୍ତ ରାସ୍ତା ପ୍ରଶସ୍ତିକରଣ କାମ ଚାଲିଥିବାରୁ ଏହି ରାସ୍ତାରେ ହାଇୱା, ଜେସିବି ପରି ଭାରି ଯାନବାହନର ଯାତାୟାତ ବଢ଼ିଛି। ଦୁର୍ଘଟଣା ସମୟରେ ହାଇୱା ପିଚୁ ନେଇ ଦ୍ରୁତ ଗତିରେ ଯାଉଥିବା ଥିବାରୁ ଦୁର୍ଘଟଣା ଘଟିଥିବାକୁ ପ୍ରତ୍ୟକ୍ଷଦର୍ଶୀମାନେ କହିଛନ୍ତି। ରାସ୍ତା ଅବରୋଧ ଫଳରେ ପ୍ରାୟ ୬ଘଣ୍ଟା ସମୟ ରାସ୍ତାର ଉଭୟ ପାର୍ଶ୍ୱରେ ଯାନବାହନ ଅଟକି ଥିବା ଦେଖାଯାଇଥିଲା। ଥୁଆମୂଳ ରାମପୁର ଏବଂ କର୍ଲାପାଟ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଲୋକମାନଙ୍କୁ ବୁଝାଇଥିଲେ। କ୍ଷତିପୂରଣ ଓ କଠୋର କାର୍ଯ୍ୟାନୁଷ୍ଠାନ ଦାବିରେ ଲୋକେ ଅଟଳ ରହିଥିଲେ। ଶେଷରେ ଠିକାଦାରଙ୍କ ଲିଖିତ ପ୍ରତିଶ୍ରୁତି ପରେ ରାସ୍ତା ଅବରୋଧ ହଟିଥିଲା।

# ସହର ଭିତରେ ଚାଲିଛି ଶହ ଶହ ବାଲି, ମାଟି ବୋଝେଇ ହାଇୱା

**କେସିଙ୍ଗା, ୧୮ ।୪(ସମିସ):** ଏନଏଚ୍୨୬ ଉପରେ କଳାହାଣ୍ଡି ଜିଲ୍ଲାର କେସିଙ୍ଗା ସହର ଓ ଜିଲ୍ଲାର ପ୍ରମୁଖ ରେଳ ଷ୍ଟେସନ ସେଥିପାଇଁ ପ୍ରାୟ ସବୁ ସମୟରେ ସହରରେ ଭିଡ଼ ପରିଲକ୍ଷିତ ହୋଇଥାଏ। ଛୋଟ ବଡ଼ ଚାରି ଚକିଆ ଗାଡ଼ି ସାଙ୍ଗକୁ ଦୁଇ ଚକିଆ ଯାନ ସଦାବେଳେ ରାସ୍ତା ଉପରେ ଚାଲିଛି।ପୁଣି ଛୁଟି ଦିନ ବ୍ୟତୀତ ସ୍କୁଲ କଲେଜ ପିଲା ଚାଲି ଚାଲି ରାସ୍ତାକଡ଼ରେ କିମ୍ବା ରାସ୍ତା ପାରି ହେବା ନିତିଦିନିଆ କଥା।ହେଲେ ସହର ଭିତରେ ଦିନ ବେଳା ବାଲି, ମାଟି, ଚିପ୍ସ ବୋଝେଇ କରି ଶହ ଶହ ହାଇୱା ଯାତାୟାତ କରୁଥିବା ଦେଖିବାକୁ ମିଳୁଛି। ସହରରେ ଗୋଟିଏ ବି ସ୍ପିଡ ବ୍ରେକର ନ ଥିବାରୁ ଅନେକ ସମୟରେ ଉକ୍ତ ହାଇୱା ଗୁଡ଼ିକ ସହର ମଧ୍ୟରେ ଭିଡ଼ ଭିତରେ ଦ୍ରୁତ ବେଗରେ ଚାଲୁଥିବା ଦେଖିବାକୁ ମିଳୁଛି। ଉକ୍ତ ଗାଡ଼ି ଚାଳକମାନଙ୍କୁ ନା ଅଛି ପୁଲିସର ଡର ନା ଅଛି ଦୁର୍ଘଟଣାର ଡର। ଉକ୍ତ ହାଇୱା ଗାଡ଼ି ଚାଳକଙ୍କ ପାଖରେ ଗାଡ଼ିର ଫିଟନେସ, ବିମା ଓ ଡ୍ରାଇଭିଂ ଲାଇସେନ୍ସ ଅଛି କିନାହି ଆଜି ପର୍ଯ୍ୟନ୍ତ କେହି ଜାଣି ନାହାଁନ୍ତି। ତଥାପି ସହରରେ ଶହେ ଶହେରେ ଗାଡ଼ି ଚଳାଇ ପଥଚାରୀଙ୍କୁ ନାକେ ଦମ୍ କରିଛନ୍ତି। ସେପଟେ କିଛି ଦିନ ତଳେ ଧର୍ମଗଡ଼ ପାଖରେ ଗୋଟିଏ ହାଇୱା ଜଣେ ଫେରିବାଲାକୁ ଧକ୍କା ଦେବା ଫଳରେ ଘଟଣାସ୍ଥଳରେ ଫେରିବାଲାର ଜୀବନ ଚାଲି ଯାଇଥିଲା। କେସିଙ୍ଗାରେ କିନ୍ତୁ ପ୍ରଶାସନର ନାକ ତଳେ ହାଇୱା ଗୁଡ଼ିକ ସହର ଭିତରେ ଶହେ ଶହେ ବେଗରେ ଚାଲୁଛି କିନ୍ତୁ ପ୍ରଶାସନ ନଜର ଦେଉନାହିଁ। କୋଉଁ ହାଇୱାକୁ ଅଟକାଇ କେବେ ଯାଞ୍ଚ ହୋଇନାହିଁ। କେତେବେଳେ ଦୁର୍ଘଟଣା ଘଟି କାହାର ବହୁମୂଲ୍ୟ ଜୀବନ ଚାଲିଯିବ କିଏ ବା ଜାଣିଛି। ହାଇୱା ଗାଡ଼ିଗୁଡିକର କାଗଜପତ୍ର ଯାଞ୍ଚ କରି ସହର ମଧ୍ୟରେ ଗାଡ଼ି ଧିରେ ଚଳାଇବାକୁ ପୁଲିସ ତାଗିଦ୍ କରିବା ପାଇଁ ସାଧାରଣରେ ଦାବି ହେଉଛି।

# କ୍ଷୁଦ୍ରଜଳସେଚନ ବିଭାଗର ସମୀକ୍ଷା ବୈଠକ

**ନୂଆପଡ଼ା, ୧୮ ।୪ (ସମିସ):** ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ମୁଖ୍ୟାଳୟ ସମ୍ମିଳନୀ କକ୍ଷରେ କ୍ଷୁଦ୍ର ଜଳସେଚନ ବିଭାଜନ ସମ୍ବନ୍ଧୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅଧୀକ୍ଷଣ ଯନ୍ତ୍ରୀ ଓ ଅନ୍ୟାନ୍ୟ ବୈଷୟିକ ଅଧିକାରୀମାନଙ୍କ ଉପସ୍ଥିତିରେ ବିଭିନ୍ନ ଯୋଜନା ଅଧୀନରେ ଚାଲୁଥିବା କାର୍ଯ୍ୟଗୁଡ଼ିକର ସମୀକ୍ଷା କରାଯାଇଥିଲା। ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ନୂତନ ପ୍ରକଳ୍ପ ପ୍ରସ୍ତାବ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ଜିଲ୍ଲାପାଳ ପୁରାତନ କ୍ଷୁଦ୍ର ଜଳସେଚନ ପ୍ରକଳ୍ପଗୁଡ଼ିକରୁ ପଙ୍କ ଉଦ୍ଧାର କରି ସେଗୁଡ଼ିକର ପୁନରୁଦ୍ଧାର କରିବାକୁ ଓ କାର୍ଯ୍ୟକ୍ଷମତା ବୃଦ୍ଧି କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ବିଭିନ୍ନ ଯୋଜନା ମାଧ୍ୟମରେ ପୁରୁଣା କେନାଲଗୁଡ଼ିକର ମରାମତି କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସହିତ ନୂତନ କେନାଲ ନିର୍ମାଣ କାର୍ଯ୍ୟ ଶୀଘ୍ର ସମାପ୍ତ କରି ଚାଷୀମାନଙ୍କୁ ଅଧିକ ଜଳସେଚନ ସୁବିଧା ଯୋଗାଇବାକୁ ଜୋର ଦେଇଥିଲେ। ଜଳସେଚନ ବ୍ୟବସ୍ଥାକୁ ସୁଦୃଢ଼ କରି କୃଷି ଉତ୍ପାଦନ ବୃଦ୍ଧି ପାଇଁ ବିଭାଗୀୟ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ବୈଠକରେ କ୍ଷୁଦ୍ର ଜଳସେଚନ ବିଭାଗ, ଖଡ଼ିଆଳ ଅଧିକ୍ଷଣ ଯନ୍ତ୍ରୀ ସରୋଜ ସା, ସହକାରୀ ନିର୍ବାହୀ ଯନ୍ତ୍ରୀ, ନୂଆପଡ଼ା ଅନ୍ତର୍ଯ୍ୟାମୀ ନାଏକ, ସାର୍ଥକ ରଞ୍ଜନ ସାହୁ, ଅଙ୍କିତ ସିଂ, ପ୍ରତୀକ ରଞ୍ଜନ ସ୍ୱାଇଁ, ଅଶ୍ୱିନୀ କୁମାର ସେଠୀ, ପୂର୍ଣ୍ଣ ଚନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ■ ସିବିଏସ୍‌ଇ ଦଶମ ବୋର୍ଡ଼ ପରୀକ୍ଷା

# ଜିଲ୍ଲା ଟପ୍ପର ସ୍ୱୟଂଶୁଙ୍କୁ ସମ୍ବର୍ଦ୍ଧନା

**ଭବାନୀପାଟଣା/ଧର୍ମଗଡ଼, ୧୮ ।୪ (ସମିସ):** ସିବିଏସ୍‌ଇ ଦଶମ ବୋର୍ଡ଼ ପରୀକ୍ଷାରେ ଧର୍ମଗଡ଼ ଏଲ୍‌ନିସି ମିଶନ ସ୍କୁଲର ଛାତ୍ର ସ୍ୱୟଂଶୁ ସତ୍ୟପ୍ରଜ୍ଞ ସାହୁ ୯୯.୨% ନମ୍ବର ରଖି



କଳାହାଣ୍ଡି ଜିଲ୍ଲାରେ ଟପ୍ପର ହେବା ସହିତ ଦକ୍ଷିଣୀ ଶୌଣ୍ଡିକ ମହାସଂଘର ଗୌରବ ବୃଦ୍ଧି କରିଛନ୍ତି।ଏନେଇ ଶନିବାର ଦକ୍ଷିଣୀ ଶୌଣ୍ଡିକ ମହାସଂଘ କଳାହାଣ୍ଡି ଓ ଟିଟଲାଗଡ଼ ସବଡିଭିଜନର ସଭାପତି ଥବିର ପ୍ରସାଦ ସାହୁ, ସମ୍ପାଦକ ଗୋପାଳ ଚନ୍ଦ୍ର ସାହୁ, ଆଇନ ପରାମର୍ଶଦାତା ସଚ୍ଚିଦାନନ୍ଦ ସାହୁ, ସଦର ଆଞ୍ଚଳିକ ସଭାପତି କୁଳମଣି ସାହୁ, ଧର୍ମଗଡ଼ ଓ ଜୁନାଗଡ଼ ଆଞ୍ଚଳିକ କମିଟିର ସଭାପତି ବିଦ୍ୟାଧର ସାହୁ ପ୍ରମୁଖ ମେଧାବୀ ଛାତ୍ର ସ୍ୱୟଂଶୁ ସତ୍ୟପ୍ରଜ୍ଞ ସାହୁଙ୍କୁ ସମ୍ବର୍ଦ୍ଧିତ କରିଥଲେ। ସୂଚନା ଯୋଗ୍ୟ ଯେ, ସ୍ୱୟଂଶୁ ସତ୍ୟପ୍ରଜ୍ଞ ସାହୁଙ୍କ ବାପା ଦିଲ୍ଲୀପ କୁମାର ସାହୁ ଘଟଗାଁ ଥାନା ଅଧିକାରୀ ଥିବା ବେଳେ ଡକାୟତଙ୍କ ଗୁଳିରେ ସହିଦ୍ ହୋଇଥଲେ। ଶିକ୍ଷୟିତ୍ରୀ ମାଆ ସାରଦା ସାହୁଙ୍କ ସହ ପୁଅ ସ୍ୱୟଂଶୁ ଧର୍ମଗଡ଼ରେ ଅଜା ଚନ୍ଦ୍ରଧ୍ୱଜ ସାହୁ ଓ ଆଈ ପଙ୍କଜିନୀ ସାହୁଙ୍କ ପାଖରେ ରହି ଅଧ୍ୟୟନ କରୁଥିଲେ। ପାଠପଢ଼ା ସହ କ୍ରୀଡ଼ା ଓ ସଙ୍ଗୀତରେ ରୁଚି ରଖୁଥିବା ସ୍ୱୟଂଶୁ ଭବିଷ୍ୟତରେ ସେ ଜଣେ ବୈଜ୍ଞାନିକ ହେବାକୁ ଲକ୍ଷ୍ୟ ରଖିଛନ୍ତି ବୋଲି ନିଜ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି।

## କୁଟ୍ରୁରେ ମଉଳି ଯାଉଛି ବିକାଶ

# ରାସ୍ତା, ପାନୀୟ ଜଳ, ଆଲୁଅ ସ୍ୱପ୍ନ





**କୋକସରା, ୧୮ ।୪(ସମିସ)**

ଦେଶ ସ୍ୱାଧୀନତାର ଦୀର୍ଘ ଦଶନ୍ଧି ପରେ ମଧ୍ୟ କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ଆମପାଣି ପଞ୍ଚାୟତର ବଣପାହାଡ଼ ଘେରା କୁଟ୍ରୁ ଗ୍ରାମରେ ଆଜି ମଧ୍ୟ ବିକାଶ ପହଞ୍ଚି ପାରୁନାହିଁ। ରାସ୍ତା, ପାଣି, ଆଲୁଅ ଭଳି ସାଧାରଣ ମୌଳିକ ସୁବିଧା ମଧ୍ୟ ଗ୍ରାମବାସୀଙ୍କ ପାଇଁ ସ୍ୱପ୍ନ ହୋଇଛି। ନେତାଙ୍କ ପ୍ରତିଶ୍ରୁତିରେ ଗାଁର ବିକାଶ ସୀମିତ ହୋଇଥିବା ବେଳେ ବିକାଶ ମଉଳି ଯାଇଛି। କୁଟ୍ରୁ ଗ୍ରାମରେ ପ୍ରାୟ ୫ଶହରୁ ଉର୍ଦ୍ଧ୍ୱ ପରିବାର ବସବାସ କରିଆସୁଛନ୍ତି।ଗାଁର ମୁଖ୍ୟ ସମସ୍ୟା ହେଲା ରାସ୍ତା, ପାନୀୟଜଳ ଓ ବିଦ୍ୟୁତ୍। ଗାଁକୁ ଯିବାକୁ ହେଲେ ୨୬ ନମ୍ବର ଜାତୀୟ ରାଜପଥ ବିରିମୁହାଣ ଛକ ଠାରୁ ପ୍ରାୟ ୧୫/୨୦ କିଲୋମିଟର ଜଙ୍ଗଲିଆ ରାସ୍ତା ଦେଇ ଯିବାକୁ ପଡ଼େ। ରାସ୍ତା ସମସ୍ୟା ଯୋଗୁଁ ଆମ୍ବୁଲାନ୍ସ ଗାଁ ପର୍ଯ୍ୟନ୍ତ ପହଞ୍ଚି ପାରେ ନାହିଁ ଏବଂ ଆଧା ବାଟରେ ଅଟକି ରୁହେ। ଏଥିଯୋଗୁଁ ଅନେକ ଥର ରୋଗୀଙ୍କୁ ଖଟିଆରେ ବୋହି ଆମ୍ବୁଲାନ୍ସ ପର୍ଯ୍ୟନ୍ତ ନେବା ଘଟଣା ସାମ୍ନାକୁ ଆସିଛି। ସେହିପରି ଗାଁରେ ପାନୀୟ ଜଳ ସମସ୍ୟା ରହିଛି। ଗାଁରେ କିଛି ନଳକୂପ ଓ ସୌର ଚାଳିତ ପାନୀୟ ଜଳ ପ୍ରକଳ୍ପ ରହିଛି, ତଥାପି ପାନୀୟଜଳ ସଂକଟ ଦେଖାଦେଇଥାଏ। ଖରା ବର୍ଷା ଅନେକ ସମୟରେ ଲୋକେ ଜଙ୍ଗଲର ଝରଣା ପାଣିକୁ ପାନୀୟ ରୂପେ ବ୍ୟବହାର କରି ଶୋଷ ମେଣ୍ଟାଇ ଆସୁଛନ୍ତି। ବିଜୁଳି ଆଲୁଅ ଏମାନଙ୍କ ପାଇଁ ସ୍ୱପ୍ନ। ରାସ୍ତା, ପାନୀୟ ଜଳ, ବିଦ୍ୟୁତ୍ ଭଳି ବିଭିନ୍ନ ସମସ୍ୟା ନେଇ ଗ୍ରାମବାସୀ ବର୍ଷ ବର୍ଷ ଧରି ଅଭିଯୋଗ କରିଛନ୍ତି। କିନ୍ତୁ ଏହି ଗାଁରେ ଆଖିଦୃଶିଆ ବିକାଶ ହୋଇପାରୁନାହିଁ। ରାସ୍ତା ସମସ୍ୟା ପାଇଁ ପ୍ରଶାସନ ଓ ନେତା ମନ୍ତ୍ରୀମାନଙ୍କୁ ବହୁବାର ଅଭିଯୋଗ କରିବା ପରେ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ସାମିଲ ହୋଇଥିବା ଶୁଣିବାକୁ ମିଳିଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। କିନ୍ତୁ ବର୍ଷ ବର୍ଷ ବିତି ଯାଇଥିଲେ ସୁଦ୍ଧା ରାସ୍ତା କାମ ଆଗେଇ ପାରୁନାହିଁ। ଏଣେ ରାସ୍ତା ପାଇଁ କିଏ ଟେଣ୍ଡର ହୋଇଯାଇଛି କୁହୁଛି ତ' ଆଉ କିଏ କହୁଛି ସଂରକ୍ଷିତ ଜଙ୍ଗଲ ହେତୁ ବନ ବିଭାଗର ଅନୁମତି ମିଳୁନାହିଁ। ତେଣୁ ରାସ୍ତା କାମ ଆଗକୁ ବଢୁ ନାହିଁ କିମ୍ବା ନେତା କି ପ୍ରଶାସନ ମଧ୍ୟ ଏଦିଗରେ ଦୃଷ୍ଟି ଦେଉ ନଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଗତ କିଛି ଦିନ ତଳେ ସ୍ଥାନୀୟ ବିଧାୟକ କୁଟ୍ରୁ ଗାଁ ଗସ୍ତରେ ଯାଇଥିବା ବେଳେ ଶୀଘ୍ର ରାସ୍ତା ହେବ ବୋଲି କହିଥିଲେ ହେଁ ବର୍ତ୍ତମାନ ସୁଦ୍ଧା କୌଣସି ପ୍ରକ୍ରିୟା ଜଣାପଡ଼ିନାହିଁ। ବର୍ଷ ବର୍ଷ ଧରି କୁଟ୍ରୁ ଗ୍ରାମବାସୀ ରାସ୍ତା, ପାଣି, ଆଲୁଅ ଆଦି ସମସ୍ୟାରେ ଜୁଝୁଥିବା ବେଳେ କେବେ ଗାଁର ସମସ୍ୟା ଦୂର ହେବ ଓ ବିକାଶର ଚିହ୍ନ ଗାଁରେ ପଡ଼ିବ ଲୋକେ ଅପେକ୍ଷା କରିଛନ୍ତି।

# ଧଅଁରାଭଟା ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ଲାଞ୍ଜିଗଡ଼, ୧୮ ।୪(ସମିସ):** କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ବିଶ୍ୱନାଥପୁରସ୍ଥିତ ଧଅଁରାଭଟା ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ଦେବବ୍ରତ ସାହୁଙ୍କ ଅଧ୍ୟକ୍ଷତାରେ



ଅନୁଷ୍ଠିତ ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ କୁମାର ଦିଶାରୀ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଶାନ୍ତିକୁଞ୍ଜ ହରିଦ୍ୱାର ପରିବ୍ରଜକ ଅଶୋକ କୁମାର ପେନଥୋଇ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଲାଞ୍ଜିଗଡ଼ ଜୋନ-୨ ଜିଲ୍ଲା ପରିଷଦ ସଦସ୍ୟ ପରୀକ୍ଷିତ ନାଏକ, ଥୁଆମୂଳରାମପୁର ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ଅଧ୍ୟକ୍ଷ ସତ୍ୟ ପ୍ରକାଶ, ମଧୁପୁର ପିଏମ୍‌ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ବେଦବ୍ୟାସ ପ୍ରଧାନ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ହରିହର କୁମାର ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମକୁ ସ୍କୁଲ ଶିକ୍ଷକ ଲୋହିତ ଲୋହା, ଶଶି ଶେଖର କୁମାର, ଅଭିନୟ କୁମାର ଓ ଶିକ୍ଷୟିତ୍ରୀ ଶିଭାଁସିଂ ଶର୍ମାଙ୍କ ଅନୁମତିକ୍ରମେ ଛାତ୍ରଛାତ୍ରୀ ବେବି ବେହେରା, ମୁସ୍କାନ ମାଝୀ, ଭୁଗଲ ବିଭାର, ଦ୍ରୁବ ଚରଣ ମାଝୀ, ଅଂଶୁମାନ ବାଗ ଖୋଲାମଣି ଶବର ପରିଚାଳନା କରିଥିବା ବେଳେ ବିଦ୍ୟାଳୟର ଅଧ୍ୟକ୍ଷ ଦେବବ୍ରତ ସାହୁ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠନ କରିଥିଲେ। ପରେ ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶେଷରେ ଶିକ୍ଷକ ସୁଦୀପ ପରାଣିକ ଧନ୍ୟବାଦ ଅର୍ପଣ କରିଥିଲେ। ସ୍କୁଲର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

